# ମନ୍ତ୍ରୀପଦ ବଞ୍ଚାଇବାକୁ କସରତ

## ବ୍ରଜରାଜନଗର ଉପନିର୍ବାଚନ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ବ୍ରଜରାଜନଗର ଉପନିର୍ବାଚନ ଉପରେ ରହିଛି ୩ ପ୍ରମୁଖ ରାଜନୈତିକ ଦଳଙ୍କ ଆଖି । କଂଗ୍ରେସ ତା'ର ପୁରୁଣା ଗଡ଼କୁ ଫେରାଇ ଆଣିବାକୁ ଉଦ୍ୟମ କରୁଥିବା ବେଳେ ଭାଜପା ପୁଣି ଥରେ ଏହି ଆସନ ନିଜ କବ୍‌ଜାକୁ ନେବା ଲାଗି ରଣନୀତି ପ୍ରସ୍ତୁତ କରିବା ଆରମ୍ଭ କରି ଦେଇଛି। ଅନ୍ୟପକ୍ଷରେ ବିଜେଡିର ପଶ୍ଚିମ ଓଡ଼ିଶା ମନ୍ତ୍ରୀମାନଙ୍କ ଭାଗ୍ୟ ମଧ୍ୟ ଏହି ଉପନିର୍ବାଚନ ଫଳାଫଳ ଉପରେ ନିର୍ଭର କରୁଛି। ଏହି ଆସନକୁ କଳେବଳେ ହାତେଇବାକୁ ମନ୍ତ୍ରୀମାନେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରି ଦେଇଛନ୍ତି।

ବ୍ରଜରାଜନଗର ବିଧାନସଭା ଆସନ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ କଂଗ୍ରେସ କବ୍‌ଜାରେ ରହିଥିଲା। କଂଗ୍ରେସ ପ୍ରାର୍ଥୀ ଅନୁପ ସାଏ ଏହି ଆସନରୁ ଲଗାତର ୩ ଥର ବିଜୟୀ ହୋଇଥିଲେ। ଏହା ପୂର୍ବରୁ ୧୯୮୦ ଓ ୧୯୮୫ରେ ମଧ୍ୟ ଏହି ଆସନ କଂଗ୍ରେସ କବ୍‌ଜାରେ ଥିଲା। ଏହା କଂଗ୍ରେସର ଗଡ଼ରେ ପରିଣତ ହୋଇଯାଇଥିଲା। ମାତ୍ର ୨୦୧୪ରେ ଅନୁପ ସାଏ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ସେ ବିଜେଡି ଟିକେଟରେ ବ୍ରଜରାଜନଗରରୁ ଲଢ଼େଇ କରିଥିଲେ ମଧ୍ୟ ନିର୍ବାଚନମଣ୍ଡଳୀ ଜନସାଧାରଣ ତାଙ୍କୁ ଆଉ ଗ୍ରହଣ କରି ନ ଥିଲେ। ଏହାର ଫାଇଦା ନେଇଥିଲେ ଭାଜପା ପ୍ରାର୍ଥୀ ରାଧାରାଣୀ ପଣ୍ଡା। ଅନୁପ ରାଧାରାଣୀଙ୍କଠାରୁ ହାରି ଯାଇଥିଲେ। ଅନ୍ୟପକ୍ଷରେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେବା ପରେ ନବ କିଶୋର ଦାସଙ୍କୁ ଝାରସୁଗୁଡ଼ାରୁ ବିଜେଡି ପ୍ରାର୍ଥୀ କରିଥିଲା। ଝାରସୁଗୁଡ଼ାକୁ ନିଜର ଗଡ଼ କରିଥିବା କିଶୋର ମହାନ୍ତିଙ୍କୁ ୨୦୧୯ରେ ବିଜେଡି ପ୍ରଥମ ଥର ପାଇଁ ବ୍ରଜରାଜନଗର ଆସନରୁ ପ୍ରାର୍ଥୀ କରିଥିଲା। କିଶୋର ଭାଜପା ପ୍ରାର୍ଥୀ ରାଧାରାଣୀଙ୍କୁ ୨୦ ହଜାର ଭୋଟରେ ହରାଇ ପ୍ରଥମ ଥର ପାଇଁ ବ୍ରଜରାଜନଗରରେ ବିଜେଡି ବାନା ଉଡ଼ାଇଥିଲେ।

ବିଜେଡି ସ୍ୱର୍ଗତ ବିଧାୟକ କିଶୋରଙ୍କ ସ୍ତ୍ରୀଙ୍କୁ ଟିକେଟ ଦେଇ ଉପନିର୍ବାଚନ ବୈତରଣୀ ପାର ହେବାକୁ ଯୋଜନା କରିଛି। କିଶୋରଙ୍କ ସ୍ତ୍ରୀଙ୍କୁ ଜିତାଇବାକୁ ପଶ୍ଚିମ ଓଡ଼ିଶାର ଟାଣୁଆ ନେତା ମନ୍ତ୍ରୀ ସୁଶାନ୍ତ ସିଂ, ନବ କିଶୋର ଦାସ ଏବଂ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏହି ନେତାମାନଙ୍କର ଭାଗ୍ୟ ମଧ୍ୟ ନିର୍ବାଚନର ଫଳାଫଳ ଉପରେ ନିର୍ଭର କରୁଛି। ବିଜେଡି ସରକାରର ପଞ୍ଚମ ପାଳି ମେ' ୨୯ ତାରିଖରେ ୩ ବର୍ଷ ପୂରିବ। ଏହି ଉପନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନ୍ତ୍ରିମଣ୍ଡଳ ଅଦଳବଦଳ କରିବା ସମ୍ଭାବନା ରହିଛି। ପଶ୍ଚିମ ଓଡ଼ିଶାର ଦୁଇ ମନ୍ତ୍ରୀ ସୁଶାନ୍ତ ସିଂ ଓ ନବ ଦାସ ମନ୍ତ୍ରୀପଦ ବଞ୍ଚାଇ ରଖିବା ପାଇଁ ନିର୍ବାଚନକୁ କୌଣସି ପ୍ରକାରେ ଜିତିବା ଉପରେ ଗୁରୁତ୍ୱ ଦେଉଛନ୍ତି। ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ନେଇ ରୋହିତ ପୂଜାରୀ ମଧ୍ୟ ଆଶାବାଦୀ ଅଛନ୍ତି। ନିର୍ବାଚନ ଫଳାଫଳ ତାଙ୍କ ପାଇଁ ବାଟ ଖୋଲିବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ଭାଜପା ସେହି ଆସନକୁ ପୁଣି ଥରେ ହାସଲ କରିବା ନେଇ ସମସ୍ତ ବଳ ଖଟାଇବା ଆରମ୍ଭ କରିଛି। ଭାଜପା ପ୍ରାର୍ଥୀ ରାଧାରାଣୀ ପଣ୍ଡା ପଶ୍ଚିମ ଓଡ଼ିଶା ଏମ୍‌ପିମାନଙ୍କୁ ଧରି ନିଜର ରଣକୌଶଳ ପ୍ରସ୍ତୁତ କରିଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ କିଶୋର ପଟେଲ ନିଜର ପୁରୁଣା ଅଭିଜ୍ଞତାକୁ ନେଇ ବ୍ରଜରାଜନଗର ଆସନକୁ ପୁଣି ଦଖଲ କରିବା ଯୋଜନା କରିଛନ୍ତି। ୨୦୦୯ ଯାଏ କଂଗ୍ରେସ ଏଠାରେ ନିଜର ସ୍ଥିତି ମଜଭୁତ କରିଥିବାରୁ ଦଳ ଉପନିର୍ବାଚନରେ ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶାବାଦୀ ଅଛନ୍ତି। ଆସନ୍ତା ୩୧ ତାରିଖରେ ହେବାକୁ ଥିବା ଉପନିର୍ବାଚନରେ ମତଦାତା କାହା ମୁଣ୍ଡରେ ସୁନା କଳସ ଢାଳୁଛନ୍ତି ତାହା ଜୁନ୍ ୩ତାରିଖ ଫଳାଫଳ ପରେ ହିଁ ଜଣାପଡ଼ିବ।

## 'ଗୋଟିଏ ରାଷ୍ଟ୍ର, ଗୋଟିଏ ଭାଷା' ନୀତିକୁ ସଞ୍ଜୟ ରାଉତଙ୍କ ସମର୍ଥନ

ନୂଆଦିଲ୍ଲୀ,୧୪।୫

'ଗୋଟିଏ ରାଷ୍ଟ୍ର, ଗୋଟିଏ ଭାଷା' ନୀତିକୁ ଶିବସେନା ନେତା ସଞ୍ଜୟ ରାଉତ ସମର୍ଥନ କରିଛନ୍ତି। ସାରା ଦେଶରେ ହିନ୍ଦୀ କୁହାଯିବା ସହ ଏହା ବହୁଳ ଭାବେ ଗ୍ରହଣୀୟ ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସବୁ ରାଜ୍ୟରେ ଗୋଟିଏ ଭାଷା ପ୍ରଚଳନ ଚ୍ୟାଲେଞ୍ଜକୁ ଗ୍ରହଣ କରିବା ଆବଶ୍ୟକ ବୋଲି ରାଉତ କହିଛନ୍ତି।

ସୂଚନାଯୋଗ୍ୟ, ଆଞ୍ଚଳିକ ଭାଷା ପରିବର୍ତ୍ତେ ହିନ୍ଦୀକୁ ଇଂଲିଶର ବିକଳ୍ପ କରାଯିବା ଆବଶ୍ୟକ ବୋଲି ମାସେ ପୂର୍ବରୁ ଶାହା କହିଥିଲେ। ତାଙ୍କର ଏଭଳି ମନ୍ତବ୍ୟକୁ ଦକ୍ଷିଣ ଭାରତ ସମେତ ବିଭିନ୍ନ ରାଜ୍ୟରେ ପ୍ରବଳ ବିରୋଧ କରାଯାଇଥିଲା। ହିନ୍ଦୀ ଭାଷାକୁ ଜବରଦସ୍ତ ଲଦିଦେବାକୁ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ନେତାମାନେ କହିଥିଲେ। ଆଞ୍ଚଳିକ ଭାଷାଗୁଡ଼ିକୁ ଦୁର୍ବଳ କରିଦେବା ଲାଗି ଏହା କେନ୍ଦ୍ର ସରକାରଙ୍କ ଯୋଜନାର ଅଂଶବିଶେଷ ବୋଲି ସେମାନେ ଅଭିଯୋଗ କରିଥିଲେ।

## କଂଗ୍ରେସ ଛାଡ଼ିଲେ ସୁନୀଲ ଜାଖର

ନୂଆଦିଲ୍ଲୀ,୧୪।୫



୨୦୨୪ ସାଧାରଣ ନିର୍ବାଚନ ଲାଗି ଦଳକୁ ପ୍ରସ୍ତୁତ ରଖିବାକୁ ଉଦୟପୁରରେ କଂଗ୍ରେସର ଚିନ୍ତନ ଶିବିର ଚାଲିଥିବାବେଳେ ପଞ୍ଜାବ ପ୍ରଦେଶ କଂଗ୍ରେସର ପୂର୍ବତନ ସଭାପତି ସୁନୀଲ ଜାଖର ଶନିବାର ଦଳ ଛାଡ଼ିଛନ୍ତି। ତାଙ୍କୁ ଦୁଇବର୍ଷ ପାଇଁ ନିଲମ୍ବନ କରାଯାଇଥିବାବେଳେ ସେ ଦଳ ଛାଡ଼ିବାକୁ ନିଷ୍ପତ୍ତି ନେଇଥିବା ଘୋଷଣା କରିଛନ୍ତି। ଫେସ୍‌ବୁକ୍ ପୋଷ୍ଟ ଜରିଆରେ ସେ ଦଳକୁ ଗୁଡ୍ ଲକ୍ ଏବଂ ଗୁଡ୍ ବାଏ ଜଣାଇଛନ୍ତି। ଦଳ କାର୍ଯ୍ୟରେ ସେ ଅସନ୍ତୁଷ୍ଟ ଓ ମର୍ମାହତ ଥିବା ସତ୍ତ୍ୱେ କଂଗ୍ରେସ ପାଇଁ ତାଙ୍କର ଦୟା ଆସୁଛି ବୋଲି କହିଛନ୍ତି। ଶନିବାର ସେ 'ଦିଲ୍ କୀ ବାତ୍' ଶେୟାର କରିବେ ବୋଲି ଦିନକ ପୂର୍ବରୁ ଟୁଇଟରରେ ଲେଖିଥିଲେ। ଶନିବାର ସେ ଫେସ୍‌ବୁକ୍ ଲାଇଭ୍ ସେସନ୍‌ରେ ସମାନ ଶୀର୍ଷକରେ ଦଳ ଛାଡ଼ିବା କଥା ଲେଖିଛନ୍ତି। ଚିନ୍ତନ ଶିବିର କେବଳ ଏକ ଔପଚାରିକତା। କାରଣ କଂଗ୍ରେସ ଶୀର୍ଷ ନେତୃତ୍ୱ ଦଳକୁ ବଞ୍ଚାଇବା ପାଇଁ ଉପାୟ ଖୋଜିବାକୁ ଚାହୁଁନାହାନ୍ତି ବୋଲି ଜାଖର କହିଛନ୍ତି। ସୂଚନାଯୋଗ୍ୟ, ଦଳୀୟ ନେତୃତ୍ୱକୁ ନେଇ ଜାଖର ଦୀର୍ଘଦିନ ହେଲା ଅସନ୍ତୁଷ୍ଟ ଥିଲେ। ଗତ ପଞ୍ଜାବ ବିଧାନସଭା ନିର୍ବାଚନ ବେଳେ ସେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଚରଣଜିତ ଚନ୍ନିଙ୍କୁ ସମାଲୋଚନା କରିଥିଲେ। ଦଳ ବିରୋଧୀ କାର୍ଯ୍ୟ ଲାଗି ତାଙ୍କୁ ୨ ବର୍ଷ ପାଇଁ ଦଳରୁ ନିଲମ୍ବନ କରିବାକୁ ଶୃଙ୍ଖଳାଗତ କମିଟିର ସୁପାରିସ କ୍ରମେ ଗତ ମାସ ୨୬ରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଏହା ପୂର୍ବରୁ ଜାଖରଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଥିଲେ ବି ସେ ଶୃଙ୍ଖଳାଗତ କମିଟିକୁ କୌଣସି ଉତ୍ତର ଦେଇ ନ ଥିଲେ।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact:
0674-2580385
8637280816,
7894447167, 9338226625

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 723/318 | 8 | 0.44 | 0.01 | ଶାରଦ ଏକ | ସୁଶାନ୍ତ ଘୋଷ, ପି.: ତ୍ରିଲୋଚନ ଘୋଷ, ଜା: ସଦଗୋପ, ବା: କୁଅଁରପୁର |
| 723/319 | 2061 | 0.12 | 0.12 | ଶାରଦ ଦୁଇ | ଅମୂଲ୍ୟ ପ୍ରଧାନ, ପି.: ନିଆସୀ ପ୍ରଧାନ, ଜା: ସଦଗୋପ, ବା: ତୋଟାପଡ଼ା |
| | 2062/ 3773 | 0.13 | 0.04 | ଶାରଦ ଦୁଇ | |
| 723/361 | 2615/ 3799 | 0.27 | 0.22 | ଶାରଦ ଦୁଇ | ଗୋବିନ୍ଦ ଚନ୍ଦ୍ର ମହାନ୍ତି, ପି.: କିଣାରାମ ମହାନ୍ତି, ଜା: ରାଜୁ, ବା: ମୁଣ୍ଡୁତୁଣିଆ |
| 723/362 | 2233 | 0.34 | 0.01 | ଶାରଦ ଦୁଇ | ଦିବାକର ମହାନ୍ତି, ପି.: କାଳିଚରଣ ମହାନ୍ତି, ଜା: ରାଜୁ, ବା: ମୁଣ୍ଡୁତୁଣିଆ |
| 723/365 | 2525/ 3801 | 0.47 | 0.12 | ଶାରଦ ଦୁଇ | ପ୍ରକାଶ ଚନ୍ଦ୍ର ଘଡ଼େଇ, ବିକାଶ ଚନ୍ଦ୍ର ଘଡ଼େଇ, ପି.: ଦାସରଥି ଘଡ଼େଇ, ଜା: ସଦଗୋପ, ବା: କୁଅଁରପୁର |
| 723/366 | 2937 | 0.30 | 0.01 | ଶାରଦ ଦୁଇ | ରାଧା ରଞ୍ଜନ ପାଳ, ପି.: ସୁରେନ୍ଦ୍ର ପାଳ, ଜା: ସଦଗୋପ, ବା: ମୁଣ୍ଡୁତୁଣିଆ |
| 723/369 | 111 | 0.10 | 0.10 | ଶାରଦ ଏକ | କରୁଣାକର ଘୋଷ, ପି.: ଗୋବିନ୍ଦ ଘୋଷ, ଜା: ସଦଗୋପ, ବା: ନିଜଗାଁ |
| | 134 | 0.09 | 0.01 | ଶାରଦ ଦୁଇ | |
| 723/371 | 2358/ 3802 | 0.08 | 0.02 | ଶାରଦ ଦୁଇ | ଲମ୍ବୋଦର ବଣିକ, ଗଦାଧର ବଣିକ, ଭାସ୍କର ବଣିକ, ଦିବାକର ବଣିଗ, ପି.: ଗୋପାଳ ବଣିକ, ଜା: ମାଝୀ, ବା: ନିଜଗାଁ |
| | 723/ 3497/ 3803 | 0.09 | 0.05 | ଶାରଦ ଦୁଇ | |
| 723/373 | 47/ 3510 | 0.19 | 0.19 | ଶାରଦ ଦୁଇ | ଗୌରାଙ୍ଗ ସିଂ, ପି.: ପ୍ରଧାନ ସିଂ, ଜା: ଭୂମିଜ, ବା: ଆଡ଼ିଆସାହି |
| 723/384 | 2365/ 3806 | 0.18 | 0.09 | ଶାରଦ ଦୁଇ | ବସନ୍ତ କୁମାର ଘୋଷ, ପି.: ସୁବଳ ଚନ୍ଦ୍ର ଘୋଷ, ଜା: ସଦଗୋପ, ବା: କୁଅଁରପୁର |
| 723/386 | 1183/ 3829 | 0.205 | 0.17 | ଶାରଦ ଏକ | ଶ୍ରୀଜନ କୁମାର ଘୋଷ, ପି.: କିଣାରାମ ଘୋଷ, ଜା: ସଦଗୋପ, ବା: ନିଜଗାଁ |
| 723/387 | 1183/ 3828 | 0.205 | 0.07 | ଶାରଦ ଏକ | ଦିବାକର କବି, ପି.: ବାଇନ ଚନ୍ଦ୍ର କବି, ଜା: ସଦଗୋପ, ବା: ନିଜଗାଁ |
| 723/394 | 2935 | 0.12 | 0.04 | ଶାରଦ ଦୁଇ | ବାସନ୍ତି ନାୟକ, ସ୍ୱା.: ସନ୍ତୋଷ ନାୟକ, ଜା: ଦଣ୍ଡଛତ୍ର ମାଝୀ, ବା: ନିଜଗାଁ |
| 723/398 | 47/ 3509 | 0.19 | 0.16 | ଶାରଦ ଦୁଇ | ଶ୍ୟାମ ସିଂ, ସରେନ ସିଂ, ପି.: ବୁଧିଆ ସିଂ, ଜା: ଭୂମିଜ, ବା: ଆଡ଼ିଆ ସାହି |
| 723/400 | 1158/ 3522/ 3811 | 0.28 | 0.14 | ଶାରଦ ଦୁଇ | ସୁଧାଂଶୁ ଶେଖର ସିଂ, ପି.: ବିଜୟ କୁମାର ସିଂ, ଜା: ଭୂମିଜ, ବା: ଆଡ଼ିଆସାହି |
| 723/405 | 1922 | 0.25 | 0.19 | ଶାରଦ ଦୁଇ | ଶ୍ରୀ ଶ୍ରୀ ଦାମୋଦର ଜିଉ ବିଜେ ନିଜଗୃହ ମାର୍ଫତ ଭାସ୍କର ଚନ୍ଦ୍ର ମାହାନ୍ତି, ଶିଶିର କୁମାର ମାହାନ୍ତି, ପି.: ଗୁହିନ ମାହାନ୍ତି, ଜା: ରାଜୁ, ବା: ମୁଣ୍ଡୁତୁଣିଆ |
| 723/408 | 47 | 1.71 | 0.01 | ଶାରଦ ଦୁଇ | ଦିଲ୍ଲିପ କୁମାର ସାହୁ, ଆଶିଷ କୁମାର ସାହୁ, ପ୍ରଦୀପ କୁମାର ସାହୁ, ପି.: ଅନାଦି ଚରଣ ସାହୁ, ଜା: କୁବେର, ବା: ମୁଣ୍ଡୁତୁଣିଆ |
| 723/409 | 28/ 3505 | 0.25 | 0.05 | ଶାରଦ ଦୁଇ | ବିରେନ୍ଦ୍ର କୁମାର ସାହୁ, ପି.: ଅନାଦି ସାହୁ, ଜା: କୁବେର, ବା: ମୁଣ୍ଡୁତୁଣିଆ |
| 723/414 | 2491 | 0.21 | 0.02 | ଶାରଦ ଦୁଇ | ବସନ୍ତ କୁମାର ଜେନା, ମଳୟ କୁମାର ଜେନା, ପି.: ରାମଚନ୍ଦ୍ର ଜେନା, ଜା: ଖଣ୍ଡାୟତ, ବା: ବଳଭଦ୍ରପୁର |
| 723/418 | 1603/ 3830 | 0.22 | 0.22 | ଶାରଦ ଦୁଇ | ସୁବୁଦା ମୁର୍ମୁ, ପି.: ଫୁଦାନ ମୁର୍ମୁ, ଜା: ସାନ୍ତାଳ, ବା: ନିଜଗାଁ |
| 723/432 | 289/ 3837 | 0.01 | 0.01 | ଶାରଦ ଏକ | ଛତିଶ ଘୋଷ, ପି.: ଅର୍ଜୁନ ଘୋଷ, ଜା: ସଦଗୋପ, ବା: କୁଅଁରପୁର |
| 723/458 | 137/ 3349 | 0.42 | 0.15 | ଶାରଦ ଦୁଇ | ସୁବୋଧ ଚନ୍ଦ୍ର ଅଧିକାରୀ, ପି.: ନୀଳକଣ୍ଠ ଅଧିକାରୀ, ଜା: ସଦଗୋପ, ବା: ଗୋପାଳ ପ୍ରସାଦ |
| 723/467 | 2540/ 3656/ 3852 | 0.085 | 0.03 | ଘରବାରି | ରାଙ୍ଗାଳି ମଳିକ, ପି.: ମଧୁ ସୂଦନ ମଳିକ, ଜା: ଦଣ୍ଡଛତ୍ର ମାଝୀ, ବା: ନିଜଗାଁ |
| 723/487 | 1179/ 3525 | 0.21 | 0.11 | ଶାରଦ ଏକ | ଦୀନକୃଷ୍ଣ ପଞ୍ଚାୟତ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଗଡ଼ସାହି ମାର୍ଫତ ସେକ୍ରେଟାରୀ |
| 723/504 | 2074/ 3875 | 0.17 | 0.10 | ଶାରଦ ଦୁଇ | ଜଗଦୀଶ ଚନ୍ଦ୍ର ସାହୁ, ପି.: ପ୍ରିୟନାଥ ସାହୁ, ଜା: କୁବେର, ବା: ମୁଣ୍ଡୁତୁଣିଆ |
| 723/511 | 36/ 3883 | 0.32 | 0.12 | ଶାରଦ ଦୁଇ | ଜଗଦୀଶ ଚନ୍ଦ୍ର ସାହୁ, ପି.: ପ୍ରିୟନାଥ ସାହୁ, ଜା: କୁବେର, ବା: ମୁଣ୍ଡୁତୁଣିଆ |
| | 47/ 3508/ 3887 | 0.57 | 0.02 | ଶାରଦ ଦୁଇ | |
| 723/512 | 47/ 3508/ 3889 | 0.54 | 0.18 | ଶାରଦ ଦୁଇ | ଭବେଶ ଚନ୍ଦ୍ର ସାହୁ, ପି.: ଗୁଣାଧର ସାହୁ, ଜା: କୁବେର, ବା: ମୁଣ୍ଡୁତୁଣିଆ |
| | 2074/ 3881 | 0.17 | 0.17 | ଶାରଦ ଦୁଇ | |
| 723/542 | 2836/ 3909 | 0.22 | 0.01 | ଶାରଦ ଦୁଇ | ବଳରାମ ଘୋଷ, ତପନ କୁମାର ଘୋଷ, ପି.: ସୃଷ୍ଟିଧର ଘୋଷ, ଜା: ସଦଗୋପ, ବା: ତୋଟାପଡ଼ା |
| 723/549 | 2820/ 3915 | 0.06 | 0.01 | ଶାରଦ ଦୁଇ | ସୁଦର୍ଶନ ସାହୁ, ପି.: କମଳଲୋଚନ ସାହୁ, ଜା: ତେଲି, ବା: ମୁଣ୍ଡୁତୁଣିଆ |
| 723/555 | 246 | 0.25 | 0.14 | ଶାରଦ ଏକ | ଗୁଣାଧର ସାସମଲ, ପି.: ଶିବନାରାୟଣ ଓରଫ ଶିବଚରଣ ସାସମଲ, ଜା: ରାଜୁ, ବା: ନିଜଗାଁ |
| 723/556 | 190 | 0.15 | 0.02 | ଶାରଦ ଦୁଇ | ବେଣୁଧର ସାସମଲ, ପି.: ଶିବ ଚରଣ ସାସମଲ ଓରଫ ଶିବନାରାୟଣ ସାସମଲ, ଜା: ରାଜୁ, ବା: ନିଜଗାଁ |
| 723/572 | 47/ 3508/ 3925 | 0.30 | 0.03 | ଶାରଦ ଦୁଇ | ଅମରେଶ ଚନ୍ଦ୍ର ସାହୁ, ପି.: ବିଭୂତି ଭୂଷଣ ସାହୁ, ଜା: କୁବେର, ବା: ମୁଣ୍ଡୁତୁଣିଆ |
| | 2074/ 3922 | 0.09 | 0.06 | ଶାରଦ ଦୁଇ | |
| 723/575 | 47/ 3508 | 0.30 | 0.02 | ଶାରଦ ଦୁଇ | ହୃଷିକେଶ ଚନ୍ଦ୍ର ସାହୁ, ପି.: ବିଭୂତି ଭୂଷଣ ସାହୁ, ଜା: କୁବେର, ବା: ମୁଣ୍ଡୁତୁଣିଆ |
| | 2074 | 0.09 | 0.09 | ଶାରଦ ଦୁଇ | |
| 723/57 | 36 | 0.32 | 0.12 | ଶାରଦ ଦୁଇ | ଲବଙ୍ଗଲତା ସାହୁ, ପି.: ବିଭୂତି ଭୂଷଣ ସାହୁ, ଜା: କୁବେର, ବା: ମୁଣ୍ଡୁତୁଣିଆ |
| 723/577 | 28 | 0.25 | 0.04 | ଶାରଦ ଦୁଇ | ମମତା ସାହୁ, ପି.: ବିଭୂତି ଭୂଷଣ ସାହୁ, ଜା: କୁବେର, ବା: ମୁଣ୍ଡୁତୁଣିଆ |
| 723/578 | 2525/ 3927 | 0.47 | 0.08 | ଶାରଦ ଦୁଇ | ଶକ୍ତିପଦ ଘୋଷ, ବିଷ୍ଣୁପଦ ଘୋଷ, ପି.: ଚୈତନ୍ୟ ଘୋଷ, ଜା: ସଦଗୋପ, ବା: କୁଅଁରପୁର |
| 723/579 | 138 | 0.06 | 0.06 | ଶାରଦ ଦୁଇ | ଜ୍ୟୋତି ପ୍ରକାଶ ସାସମଲ, ପି.: ଚନ୍ଦନ କୁମାର ସାସମଲ, ଜା: ରାଜୁ, ବା: ନିଜଗାଁ |
| | 189 | 0.30 | 0.03 | ଶାରଦ ଦୁଇ | |
| | 1176 | 0.20 | 0.02 | ଶାରଦ ଦୁଇ | |
| 723/613 | 3003 | 0.60 | 0.19 | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପି.: ଗୟା ପ୍ରସାଦ ପ୍ରଧାନ, ଜା: ସଦଗୋପ, ବା: ମୁଣ୍ଡୁତୁଣିଆ |
| 723/618 | 2366/ 3950 | 0.05 | 0.03 | ଶାରଦ ଦୁଇ | ସନ୍ଧ୍ୟାରାଣୀ ଘଡ଼େଇ, ସ୍ୱା.: ସୁଶାନ୍ତ ଘଡ଼େଇ, ଜା: ସଦଗୋପ, ବା: କୁଅଁରପୁର |
| 723/620 | 3002 | 0.36 | 0.14 | ଶାରଦ ଦୁଇ | ଗିରିଶ ଚନ୍ଦ୍ର ପ୍ରଧାନ, ପି.: ସୁରେନ୍ଦ୍ର ପ୍ରଧାନ, ଜୟନ୍ତୀବାଳା ପ୍ରଧାନ, ସ୍ୱା.: ଗିରିଶ ଚନ୍ଦ୍ର ପ୍ରଧାନ, ଜା: ସଦଗୋପ, ବା: ମୁଣ୍ଡୁତୁଣିଆ |
| 723/621 | 2924 | 0.67 | 0.13 | ଶାରଦ ଦୁଇ | ସୁବଳ କୁମାର ପ୍ରଧାନ, ପି.: ଗିରିଶ ଚନ୍ଦ୍ର ପ୍ରଧାନ, ଜା: ସଦଗୋପ, ବା: ମୁଣ୍ଡୁତୁଣିଆ |
| 723/639 | 1929/ 3588/ 3963 | 0.11 | 0.06 | ଶାରଦ ଦୁଇ | ନିତ୍ୟାନନ୍ଦ ଓରଫ ନିତାଇ ଚରଣ ସାସମଲ, ପି.: ନୃସିଂହ ଚରଣ ସାସମଲ, ଜା: ରାଜୁ, ବା: ଗଡ଼ସାହି |
| | 1934 | 0.56 | 0.30 | ଶାରଦ ଦୁଇ | |
| 723/642 | 1929/ 3588/ 3966 | 0.125 | 0.05 | ଶାରଦ ଦୁଇ | ବଂଶୀଧର ସାସମଲ, ପି.: ନୃସିଂହ ସାସମଲ, ଜା: ରାଜୁ, ବା: ଗଡ଼ସାହି |
| 723/647 | 9 | 0.22 | 0.22 | ଘରବାରି | ହାଡ଼ ସିଂ, ପି.: ଦୀନବନ୍ଧୁ ସିଂ, ଜା: ଭୂମିଜ, ବା: ନିଜଗାଁ |
| ସମପରିମାଣ ଗୋଚର ପ୍ରତିବଦଳ ନିମନ୍ତେ | | | | | |
| 219 | 1567 | 0.40 | 0.27 | ଶାରଦ ଦୁଇ | ତାପସ କୁମାର ଦାସମହାପାତ୍ର, ପି.: ଭୀମ ଚରଣ ଦାସମହାପାତ୍ର, ଜା: କରଣ, ବା:ନିଜଗାଁ |
| 263 | 631 | 0.10 | 0.03 | ଶାରଦ ତିନି | ନଗେନ୍ଦ୍ରନାଥ ମହାନ୍ତି, ପି.: ଜଗତାନନ୍ଦ ମହାନ୍ତି, ଜା: ମାହେଶ୍ୟ, ବା: ନିଜଗାଁ |
| 603 | 2319 | 0.34 | 0.20 | ଶାରଦ ତିନି | ଲକ୍ଷ୍ମୀପ୍ରିୟା ଦାସମହାପାତ୍ର, ସ୍ୱା.: ମୃତ୍ୟୁଞ୍ଜୟ ଦାସମହାପାତ୍ର, ଜା: କରଣ, ବା: ନିଜଗାଁ |
| ମୋଟ | ୩୦୪ ପ୍ଲଟକୁ | ଏ.୮୨.୪୬୫ ଡେ.ମି. | ଏ.୩୧.୨୪ ଡେ.ମି. | | |

Sd./- Zone Officer-cum-A.Collector
S.I.P., Laxmiposi Zone

Sd./- Spl. Land Acquisition Officer
SIP, Baripada

OIPR-24001/14/0045/2223

# ବିଜେଡିର ନିକଟତମ ପ୍ରତିଦ୍ୱନ୍ଦ୍ୱୀକୁ ନେଇ ଚର୍ଚ୍ଚା

**ଝାରସୁଗୁଡ଼ା ଅଫିସ,୧୪।୫:** ବ୍ରଜରାଜନଗର ଉପନିର୍ବାଚନରେ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ଦଳ ମଧ୍ୟରେ ଲଢ଼େଇ ହେବ। ଗତ ନିର୍ବାଚନରେ ବିଜେଡି ଏହି ଆସନରେ ବିଜୟୀ ହୋଇଥିବାବେଳେ ଏଥର ମଧ୍ୟ ଉପନିର୍ବାଚନରେ ଏହାକୁ ହାତେଇବା ଲକ୍ଷ୍ୟରେ ରହିଛି। ଖାଲି ହାତେଇବା ନୁହେଁ ୫୦ହଜାରରୁ ଉର୍ଦ୍ଧ୍ୱ ଭୋଟ୍ ବ୍ୟବଧାନରେ ବିଜୟୀ ହେବାକୁ ଦୃଢ଼ୋକ୍ତି ପ୍ରକାଶ କରୁଛି। ଏପରିସ୍ଥଳେ ବିଜେଡିର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ନା କଂଗ୍ରେସ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ବିଗତ ଦିନର ନିର୍ବାଚନ ସ୍ଥିତିକୁ ଦେଖିଲେ ଏହି ଆସନରୁ ବାମପନ୍ଥୀ ଦଳ (ସିପିଆଇ)ର ପୂର୍ବତନ ବିଧାୟକ ସ୍ୱର୍ଗତ ପ୍ରସନ୍ନ ପଣ୍ଡା ସର୍ବାଧିକ ୬ଥର ବିଜୟୀ ହୋଇଥିଲେ। ବାମପନ୍ଥୀ ଦଳ ପ୍ରଭାବ ହରାଇବା ପରେ କଂଗ୍ରେସ ଏଠାରୁ ୭ଥର ବିଜୟୀ ହୋଇଥିଲା। ପୂର୍ବତନ ବିଧାୟକ ଅନୁପ ସାଏ ଲଗାତର କଂଗ୍ରେସରୁ ୩ଥର ବିଜୟୀ ହେଲାପରେ ଦଳ ଛାଡି ବିଜେଡିରେ ଯୋଗଦେଇଥିଲେ। ଏହାପରେ କଂଗ୍ରେସ ନେତୃତ୍ୱ ହରାଇ ଦୁର୍ବଳ ହୋଇଥିଲା। ଏଭଳି ସମୟରେ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ କଂଗ୍ରେସ ଦଳର ମଙ୍ଗଧରି ୨୦୧୪ରେ ପ୍ରାର୍ଥୀ ହୋଇଥିଲେ। ଏଠାରେ ଭାଜପା, ବିଜେଡି ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହୋଇଥିଲା। ଏହି ଲଢ଼େଇରେ ଭାଜପା ପ୍ରାର୍ଥିନୀ ରାଧାରାଣୀ ପଣ୍ଡା ୫୦,୭୩୬ ଭୋଟ୍ ପାଇଥିବାବେଳେ ବିଜେଡିର ଅନୁପ ସାଏ ୪୩,୯୪୬ ଓ କଂଗ୍ରେସର ପୂର୍ବତନ ବାଚସ୍ପତି କିଶୋର ପଟେଲ ୩୮,୧୭୫ ଭୋଟ ପାଇଥିଲେ। ଏଥିରେ କଂଗ୍ରେସ ଦଳ ତୃତୀୟ ସ୍ଥାନରେ ରହିଥିଲା। ୨୦୧୯ ନିର୍ବାଚନରେ କଂଗ୍ରେସ ଏଠାରେ ପ୍ରାର୍ଥୀ ନ ଦେଇ ସିପିଆଇ ସହିତ ବୁଝାମଣା କରିଥିଲା। ସିପିଆଇ ପ୍ରାର୍ଥୀ ରମେଶ ତ୍ରିପାଠୀ ୯,୩୫୦ ଭୋଟ୍ ପାଇଥିଲେ। ଏଠାରେ କଂଗ୍ରେସର ରହିଥିବା ପାଖାପାଖି ୪୦ହଜାର ଭୋଟ ସହଯୋଗୀ ଦଳ ସିପିଆଇକୁ ନ ଯାଇ ଅନ୍ୟ ଦଳକୁ ଚାଲିଯାଇଥିଲା। ବିଶେଷଭାବେ ବିଜେଡିକୁ ଏହାର ଫାଇଦା ଯାଇଥିଲା। ଫଳରେ ବିଜେଡି ପ୍ରାର୍ଥୀ କିଶୋର ମହାନ୍ତି ଭାଜପା ପ୍ରାର୍ଥିନୀ ପଣ୍ଡାଙ୍କୁ ପରାଜିତକରି ବିଜୟୀ ହୋଇଥିଲେ। କଂଗ୍ରେସ ଦଳ ଏହି ଭୁଲର ପୁନରାବୃତ୍ତି ନ କରି ଉପନିର୍ବାଚନରେ କିଶୋର ପଟେଲଙ୍କୁ ପ୍ରାର୍ଥୀ କରିଛି। ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ପଟେଲ ୩୮ ହଜାରରୁ ଉର୍ଦ୍ଧ୍ୱ ଭୋଟ ପାଇଥିବାବେଳେ ଏହି ଭୋଟ ହାତେଇବା ଲକ୍ଷ୍ୟରେ ରହିଛନ୍ତି। ପୂର୍ବତନ ବିଧାୟକ ସାଏ ଦଳ ଛାଡି ବିଜେଡିରେ ଯୋଗଦେବା ପରେ ତାଙ୍କ ସହିତ କେତେକ କଂଗ୍ରେସ କର୍ମୀ ବିଜେଡିକୁ ଯାଇଥିଲେ ଆଉ କେତେଜଣ କଂଗ୍ରେସରେ ରହିଥିଲେ। ଏଭଳି ସ୍ଥିତିରେ ପୂର୍ବତନ ବିଧାୟକ ସାଏ ଗଣ ହତ୍ୟା ମାମଲାରେ ଛନ୍ଦିହୋଇ ଜେଲ୍ ଯିବା ପରେ ବିଜେଡିରୁ ତାଙ୍କୁ ବହିଷ୍କାର କରାଯାଇଛି। ତାଙ୍କ ସହିତ ବିଜେଡିକୁ ଯାଇଥିବା କଂଗ୍ରେସ କର୍ମୀମାନେ ଏବେ ପୁଣି କଂଗ୍ରେସକୁ ଫେରିବାପାଇଁ ପ୍ରସ୍ତୁତ ହେଉଥିବା ଆଲୋଚନା ହେଉଛି। ଏହି ଭୋଟ ଯଦି କଂଗ୍ରେସ ହାତେଇବ ତା'ହେଲେ ଉପନିର୍ବାଚନରେ ଦଳ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ରାଜନୀତି ବିଶାରଦଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଛି।

## ପୋଲିସ୍‌ର ଫ୍ଲାଗ୍‌ମାର୍ଚ୍ଚ



**ଝାରସୁଗୁଡ଼ା ଅଫିସ,୧୪।୫:** ଆସନ୍ତା ୩୧ତାରିଖରେ ବ୍ରଜରାଜନଗର ଉପନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାରେ ପରିଚାଳନା କରିବା ପାଇଁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଏହି ପରିପ୍ରେକ୍ଷୀରେ ଜିଲା ପୋଲିସ ପ୍ରଶାସନ ତରଫରୁ ବ୍ରଜରାଜନଗର ଥାନାର କେତେକ ଉତ୍ତେଜନାପ୍ରବଣ ବୁଥ୍ ଅଞ୍ଚଳ ଗଙ୍ଗାନଗର, ତେଲେନପାଲି, ରେମଜା ଓ ଇଟାଭଟାରେ ପୋଲିସ୍ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ବ୍ରଜରାଜନଗର ଥାନା ଆଇଆଇସି ବୈକୁଣ୍ଠ ବିହାରୀ ସେଠ୍‌ଙ୍କ ନେତୃତ୍ୱରେ ଅଭୟ ମହାନ୍ତି, ପ୍ରକାଶ ଚନ୍ଦ୍ର ଦଳେଇ, ଦଶରଥ ଟୁଡୁ ପ୍ରମୁଖ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ।

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 9470149388
Whatsapp: 9470149608

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ତହସିଲଦାରଙ୍କ କାର୍ଯ୍ୟାଳୟ, ଧରାକୋଟ (ଗଞ୍ଜାମ)
### ଭୂ-ଅର୍ଜନ ପ୍ରକୋଷ୍ଠ (ଜାତୀୟ ରାଜପଥ)
### ଭୂଅର୍ଜନ ଅଧିକାରୀ (ଜାତୀୟ ରାଜପଥ 326) ଓ କ୍ଷମତାପନ୍ନ ଅଧିକାରୀ, ଧରାକୋଟ
### ସର୍ବସାଧାରଣ ବିଜ୍ଞାପନ

ସଂଖ୍ୟା–1547 ତାରିଖ 06.5.22

No.XII-02:- ଜାତୀୟ ରାଜପଥ ଆଇନ 1956 (1956 ର 48)ର ଧାରା 3 (କ) ଉପଧାରା 1 ମୁତାବକ ଅନୁଯାୟୀ କେନ୍ଦ୍ର ସରକାର ତାଙ୍କର ଅଧିସୂଚନା S.O. 1747 (E) ତା 11.04.2022ରିଖ ପ୍ରୋକ୍ତ ଆଇନ ଧାରା 3 (କ)ରେ ଉଲ୍ଲିଖିତ ସର୍ବସାଧାରଣ ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଧରାକୋଟ ତହସିଲର ମୌଜା ଡଉଗାଁ ଏବଂ ବାହାଡ଼ାଗୁଡ଼ାର ରାଜପଥ 326ରେ ଜମି ସମ୍ପ୍ରସାରଣ ପାଇଁ 0 କି.ମି.ଠାରୁ 3 କି.ମି. ପର୍ଯ୍ୟନ୍ତ ଜମି ଅଧିଗ୍ରହଣ କରିବାକୁ ସ୍ଥିରୀକୃତ କରି ଅଧିସୂଚନା ଜାରି ହୋଇଅଛି ।

ଜମି ସମ୍ପ୍ରସାରଣ ସକାଶେ କୌଣସି ବ୍ୟକ୍ତିର ଆପତ୍ତି ଅଭିଯୋଗ ଥାଏ ତାହାହେଲେ ବିଜ୍ଞାପନର 21 ଦିନ ମଧ୍ୟରେ ଧାରା 3 ଗ ଉପଧାରା (1) ପ୍ରକାରେ ଲିଖିତ ଭାବରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଦାଖଲ କରିବେ ।

ପ୍ରତ୍ୟେକ ଆପତ୍ତି ଅଭିଯୋଗ ବିଚାର କରି ଓ ଅଭିଯୋଗର ଶୁଣାଣି କରି ଏବଂ ଯଥେଷ୍ଟ କାରଣ ଥିବା ଅଭିଯୋଗଗୁଡିକୁ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ପୁନଃ ତଦନ୍ତ କରାଯାଇ ପ୍ରକୃତ ହିତାଧିକାରୀଙ୍କ ଅଭିଯୋଗଗୁଡ଼ିକୁ ମଞ୍ଜୁର କିମ୍ବା ନାମଞ୍ଜୁର କରାଯିବ ।

ଧାରା 3ଗ ଉପଧାରା (2) ପ୍ରକାରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଶୁଣାଣି ହିଁ ସର୍ବଶେଷ ଶୁଣାଣି ।

ସମ୍ପୃକ୍ତ ଜମିର ନକ୍ସା ଓ ଆନୁଷଙ୍ଗିକ କାଗଜାତ ଉକ୍ତ ତହସିଲରେ ଗଚ୍ଛିତ ଅଛି । ଇଚ୍ଛୁକ ଥିବା ବ୍ୟକ୍ତିମାନେ ଯଦି ଚାହାନ୍ତି ତାହା ହେଲେ କାର୍ଯ୍ୟାଳୟକୁ ଆସି ଦେଖିପାରିବେ।

#### ଜମିର ବିବରଣୀ

ତଫସିଲଭୁକ୍ତ ଜମିର ସମ୍ପୂର୍ଣ୍ଣ ବିବରଣୀ ଯାହାକି ଜାତୀୟ ରାଜପଥ 326 (0 କି.ମି.ଠାରୁ 3 କି.ମି.) ଅଧିଗ୍ରହଣ ନିମନ୍ତେ ଆବଶ୍ୟକ ତାହା ନିମ୍ନରେ ଦର୍ଶାଇ ଦିଆଗଲା ।

**ଗ୍ରାମ: ବାହାଡ଼ାଗୁଡ଼ା, ତହସିଲ: ଧରାକୋଟ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା**

| କ୍ର. ସଂ. | ସର୍ଭେ / ପ୍ଲଟ୍ ନଂ. | ଜମିର ପ୍ରକାର | ଜମିର କିସମ | ଜମିର ରକବା (ଏକର) | ଜମିର ରକବା (ହେକ୍ଟର) | ରୟତର ନାମ |
|---|---|---|---|---|---|---|
| 1 | 1507 | ବେସରକାରୀ | ବିଲ ଦୋଫସଲି ଏକ | 0.020 | 0.0080939 | ଶ୍ରୀ ଗୁପ୍ତେଶ୍ୱର ମହାପ୍ରଭୁ ବିଜେ, ନିଜଗାଁ ମା: ଟ୍ରଷ୍ଟି, ସେବାୟତ ବା., କନ୍ଧ ପୁନି, ବାଳି ପୁନି, ପି. କ୍ଷେତ୍ର ପୁନି, ଗୁରା ପୁନି, ପି. ବସ ପୁନି, ମଙ୍ଗୁଳୁ ପୁନି, ପି. ମହରଗ ପୁନି, ରାଜେନ୍ଦ୍ର ପୁନି, ଟୁନା ପୁନି, ଟୁକୁ ପୁନି, ରଂଜନ ପୁନି, ପି. ଶିବରାମ ପୁନି, ମୋଚି ପୁନି, ପି. କୈବଲ୍ୟ ପୁନି, ଜା. ବ୍ରାହ୍ମଣ, ବା. ନିଜଗାଁ |
| 2 | 1508 | ବେସରକାରୀ | ବିଲ ଦୋଫସଲି ଏକ | 0.015 | 0.0060704 | |
| 3 | 1510 | ବେସରକାରୀ | ବିଲ ଦୋଫସଲି ଏକ | 0.030 | 0.0121408 | |
| 4 | 1522 | ବେସରକାରୀ | ବିଲ ଦୋଫସଲି ଏକ | 0.220 | 0.0890328 | |
| 5 | 1525 | ବେସରକାରୀ | ବିଲ ଦୋଫସଲି ଏକ | 0.045 | 0.0182113 | |
| 6 | 1531 | ବେସରକାରୀ | ବିଲ ଦୋଫସଲି ଏକ | 0.090 | 0.0364225 | |
| 7 | 1532 | ବେସରକାରୀ | ବିଲ ଦୋଫସଲି ଏକ | 0.080 | 0.0323756 | |
| 8 | 642 | ବେସରକାରୀ | ବିଲ ଦୋଫସଲି ଏକ | 0.008 | 0.0032376 | |
| 9 | 651 | ବେସରକାରୀ | ବିଲ ଦୋଫସଲି ଏକ | 0.098 | 0.0396601 | |
| 10 | 652 | ବେସରକାରୀ | ବିଲ ଦୋଫସଲି ଏକ | 0.168 | 0.0679887 | |
| 11 | 718 | ବେସରକାରୀ | ବିଲ ଦୋଫସଲି ଏକ | 0.037 | 0.0149737 | ଭଗବାନ ଜେନା, ପି. ସୁବୁଦ୍ଧି ଜେନା, ଜା. କାଳଞ୍ଜି, ବା. ନିଜଗାଁ |

**ଗ୍ରାମ: ଡଉଗାଁ, ତହସିଲ: ଧରାକୋଟ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା**

| କ୍ର. ସଂ. | ସର୍ଭେ / ପ୍ଲଟ୍ ନଂ. | ଜମିର ପ୍ରକାର | ଜମିର କିସମ | ଜମିର ରକବା (ଏକର) | ଜମିର ରକବା (ହେକ୍ଟର) | ରୟତର ନାମ |
|---|---|---|---|---|---|---|
| 1 | 2551 | ସରକାରୀ | କାନାଲ ଆଡି | 0.140 | 0.0566572 | |
| 2 | 2552 | ସରକାରୀ | ବର୍ଷାଧାର ଏକ | 0.022 | 0.0089033 | |
| 3 | 2553 | ସରକାରୀ | ବର୍ଷାଧାର ଏକ | 0.070 | 0.0283286 | |
| 4 | 2554 | ସରକାରୀ | ବିଲ ଦୋଫସଲି ଏକ | 0.140 | 0.0566572 | |
| 5 | 2555 | ସରକାରୀ | ବର୍ଷାଧାର ଏକ | 0.089 | 0.0360178 | |
| 6 | 2556 | ସରକାରୀ | ବର୍ଷାଧାର ଏକ | 0.008 | 0.0032376 | |
| 7 | 2557 | ସରକାରୀ | ବର୍ଷାଧାର ଏକ | 0.058 | 0.0234723 | |
| 8 | 2558 | ସରକାରୀ | ବର୍ଷାଧାର ଏକ | 0.057 | 0.0230676 | |
| 9 | 2559 | ସରକାରୀ | ବର୍ଷାଧାର ଏକ | 0.057 | 0.0230676 | |
| 10 | 2560 | ସରକାରୀ | କାନାଲ ଆଡି | 0.011 | 0.0445164 | |
| 11 | 2564 | ସରକାରୀ | କାନାଲ | 0.100 | 0.0404694 | |
| 12 | 2564/ 5243 | ବେସରକାରୀ | ବିଲ ଦୋଫସଲି ଏକ | 0.100 | 0.0404694 | ଗାଣ୍ଡୁ ବେହେରା, ପି. ଅଗାଧୁ ବେହେରା, ଜା. କେଉଟ, ବା. ନିଜଗାଁ |
| 13 | 2564/ 5459 | ସରକାରୀ | ବିଲ ଦୋଫସଲି ଏକ | 0.045 | 0.0182113 | |
| 14 | 2564/ 5460 | ବେସରକାରୀ | ବିଲ ଦୋଫସଲି ଏକ | 0.050 | 0.0202347 | ଗାଣ୍ଡୁ ବେହେରା, ପି. ଅଗାଧୁ ବେହେରା, ଜା. କେଉଟ, ବା. ନିଜଗାଁ |
| 15 | 2565 | ସରକାରୀ | ନୟନ ଝୋରୀ | 0.043 | 0.0174019 | |
| 16 | 2566 | ସରକାରୀ | ରାସ୍ତା | 0.035 | 0.0141643 | |
| 17 | 2567 | ସରକାରୀ | ନୟନ ଝୋରୀ | 0.080 | 0.0323756 | |
| 18 | 2569 | ବେସରକାରୀ | ବିଲ ଦୋଫସଲି ଏକ | 0.060 | 0.0242817 | ଗୋବିନ୍ଦ ଚନ୍ଦ୍ର ଜେନା, ପି. ନାରାୟଣ ଜେନା, ଜା. କାଳଞ୍ଜି, ବା. ବାହାଡ଼ାଗୁଡ଼ା |
| 19 | 2569/ 5245 | ସରକାରୀ | ବିଲ ଦୋଫସଲି ଏକ | 0.011 | 0.0044516 | |
| 20 | 2570 | ବେସରକାରୀ | ବିଲ ଦୋଫସଲି ଏକ | 0.127 | 0.0513962 | ଉଦୟନାଥ ବେହେରା, ପି. ଖଲି ବେହେରା, ଜା. କେଉଟ, ବା. ନିଜଗାଁ |
| 21 | 2576 | ବେସରକାରୀ | ବିଲ ଦୋଫସଲି ଏକ | 0.061 | 0.0246864 | କୃଷ୍ଣ ବେହେରା, ପି. ଖଲି ବେହେରା, ଜା. କେଉଟ, ବା. ନିଜଗାଁ |
| 22 | 2576/ 5559 | ବେସରକାରୀ | ବିଲ ଦୋଫସଲି ଏକ | 0.018 | 0.0072845 | ଦେବରାଜ ବେହେରା, ପି. ଖଲି ବେହେରା, ଜା. କେଉଟ, ବା. ନିଜଗାଁ |
| 23 | 2576/ 5560 | ବେସରକାରୀ | ବିଲ ଦୋଫସଲି ଏକ | 0.022 | 0.0089033 | ରାମଚନ୍ଦ୍ର ବେହେରା, ପି. ଖଲି ବେହେରା, ଜା. କେଉଟ, ବା. ନିଜଗାଁ |
| 24 | 2577 | ବେସରକାରୀ | ବିଲ ଦୋଫସଲି ଏକ | 0.122 | 0.0493727 | କନ୍ଧ ଗୌଡ଼, ପି. ସାଇବ ଗୌଡ଼, ଜା. ଗଉଡ଼, ବା. ନିଜଗାଁ |
| 25 | 2578 | ବେସରକାରୀ | ବିଲ ଦୋଫସଲି ଏକ | 0.047 | 0.0190206 | ଉଦୟନାଥ ବେହେରା, ରାମ ବେହେରା, ଦେବରାଜ ବେହେରା, କୃଷ୍ଣ ବେହେରା, ପ୍ରଫୁଲ୍ଲ ବେହେରା, ପି. ଖଲି ବେହେରା, ଗଣ୍ଡିଆ ବେହେରା, ପି. ସତ୍ୟବାଦୀ ବେହେରା, ଜମ୍ବୁ ବେହେରା, ସ୍ୱା. ସତ୍ୟବାଦୀ ବେହେରା, ଜା. କେଉଟ, ବା. ନିଜଗାଁ |
| 26 | 2579 | ବେସରକାରୀ | ବିଲ ଦୋଫସଲି ଏକ | 0.040 | 0.0161878 | କନ୍ଧ ଗୌଡ଼, ପି. ସାଇବ ଗୌଡ଼, ଜା. ଗଉଡ଼, ବା. ନିଜଗାଁ |
| 27 | 2580 | ବେସରକାରୀ | ବିଲ ଦୋଫସଲି ଏକ | 0.039 | 0.0157831 | ରାମଚନ୍ଦ୍ର ବେହେରା, ପି. ଖଲି ବେହେରା, ଜା. କେଉଟ, ବା. ନିଜଗାଁ |
| 28 | 2590 | ବେସରକାରୀ | ବିଲ ଦୋଫସଲି ଏକ | 0.125 | 0.0505868 | ରାମଚନ୍ଦ୍ର ବେହେରା, ପି. ଖଲି ବେହେରା, ଜା. କେଉଟ, ବା. ନିଜଗାଁ |
| 29 | 2591 | ବେସରକାରୀ | ବିଲ ଦୋଫସଲି ଏକ | 0.081 | 0.0327802 | ରାଧାମଣି ଦାସ, ସ୍ୱା. ଦେବେନ୍ଦ୍ର ଦାସ, ଜା. ବ୍ରାହ୍ମଣ, ବା. ନଳବଣ୍ଠା |
| 30 | 5053/ 5489 | ସରକାରୀ | ପଦର ଏକ | 0.050 | 0.0202347 | |
| 31 | 718 | ସରକାରୀ | ନୟନ ଝୋରୀ | 0.079 | 0.0319709 | |
| 32 | 719 | ସରକାରୀ | କାନାଲ | 0.120 | 0.0485633 | |

ସ୍ୱା./- ତହସିଲଦାର, ଧରାକୋଟ ତଥା ଭୂଅର୍ଜନ ଅଧିକାରୀ ଓ କ୍ଷମତାପନ୍ନ ଅଧିକାରୀ
ଭୂଅର୍ଜନ ପ୍ରକୋଷ୍ଠ (ଜାତୀୟ ରାଜପଥ ନଂ. 326) ପ୍ରକଳ୍ପ, ଧରାକୋଟ, ଗଞ୍ଜାମ

OIPR-24285/14/0001/2223

## ସଂକ୍ଷେପରେ

### ନୃସିଂହ ଚତୁର୍ଦ୍ଦଶୀ ପାଳିତ



ଜୟପୁର, ୧୪।୫ (ନି.ପ୍ର.)-ଜୟପୁର କଣ୍ଡରାସାହିସ୍ଥିତ ଲକ୍ଷ୍ମୀନୃସିଂହ ମନ୍ଦିରରେ ଶନିବାର ନୃସିଂହ ଚତୁର୍ଦ୍ଦଶୀ ପାଳିତ ହୋଇଯାଇଛି । ଏହି ଅବସରରେ ଲକ୍ଷ୍ମୀ ନୃସିଂହଙ୍କୁ ସ୍ୱତନ୍ତ୍ର ବେଶ କରାଯାଇ ହୋମ, ଆଳତି କରାଯାଇଥିଲା। ଖିରି, ଖେଚୁଡ଼ି ଫଳମୂଳ ଭୋଗ ଲାଗି ହୋଇଥିଲା ବୋଲି ମୁଖ୍ୟ ପୂଜକ ସୁନୀଲ ଆଚାର୍ଯ୍ୟ କହିଛନ୍ତି ।

### ଜୟପୁରରେ ହେଲା ଜାତୀୟ ପତାକା ଅର୍ଦ୍ଧନମିତ



ଜୟପୁର, ୧୪।୫(ନି.ପ୍ର.)- ଜୟପୁର ଟ୍ରାଫିକ ଛକ ନିକଟରେ ଥିବା ଜାତୀୟ ପତାକା ଶନିବାର ଅର୍ଦ୍ଧନମିତ ହୋଇଛି। ଆବୁଧାବିର ଶାସକ ତଥା ୟୁନାଇଟେଡ୍ ଆରବ ଏମିରେଟ୍ସର ସଭାପତି ଶେଖ୍ ଖଲିଫା ବିନ୍ ଜାଏଦ ଅଲନାହୟାନଙ୍କ ମୃତ୍ୟୁରେ ତାଙ୍କ ସମ୍ମାନାର୍ଥେ ଜାତୀୟ ପତାକା ଅର୍ଦ୍ଧନମିତ କରାଯାଇଥିବା ଜଣାପଡ଼ିଛି। ଏହି ସମୟରେ ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଟାଉନ ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ, ନିଶାନ ପଟ୍ଟନାୟକ, ଦୀପକ ଷଡ଼ଙ୍ଗୀ, ରବିନାରାୟଣ ହୋତା, ମୁରଲୀ ପଟ୍ଟନାୟକ, ଦୁର୍ଗା ସାହୁ, ବୁନୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଛାତ୍ରୀନିବାସରୁ ସାପ ଉଦ୍ଧାର



ଜୟପୁର, ୧୪।୫(ନି.ପ୍ର.)- ଜୟପୁର ବିକ୍ରମଦେବ କଲେଜ ଛାତ୍ରୀନିବାସରୁ ଶନିବାର ସାପ ଉଦ୍ଧାର ହୋଇଛି । ୧ ନମ୍ବର ଛାତ୍ରୀନିବାସର ଏକ ରୁମ୍‌ରେ ରହୁଥିବା ଛାତ୍ରୀମାନେ ସାପକୁ ଦେଖି ଭୟଭୀତ ହୋଇ ପଡ଼ିଥିଲେ। ଏନେଇ ବନ୍ୟପ୍ରାଣୀ ଉଦ୍ଧାରକାରୀ ଟିମ୍‌କୁ ଅବଗତ କରାଯାଇଥିଲା। ଟିମ୍ ମୁଖ୍ୟ କୃଷ୍ଣ କେଶବ ଷଡ଼ଙ୍ଗୀ ପହଞ୍ଚି ୬ ଫୁଟ ଲମ୍ବର ଏହି ସାପକୁ ଉଦ୍ଧାର କରିଥିଲେ। ପରେ ଏହାକୁ ବନ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ଜଙ୍ଗଲରେ ଛଡ଼ାଯାଇଛି ।

### ଅବକାରୀ ଚଢ଼ାଉ

ଜୟପୁର, ୧୪।୫(ନି.ପ୍ର.)-ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଅବକାରୀ ବିଭାଗ ଚଢ଼ାଉ କରି ୪ ହଜାର ୬ ଶହ ଲିଟର ପୋଚ ଓ ୧୩୦ ଲିଟର ଦେଶୀ ମଦ ଜବତ କରିଛି। ଏହି ସମୟରେ ମଦ ଲୁଚାଇ ରଖି କାରବାର କରୁଥିବା ବ୍ୟକ୍ତିମାନେ ଫେରାର ହୋଇଯାଇଛନ୍ତି। ଜବତ ମଦ ଓ ପୋଚକୁ ନଷ୍ଟ କରାଯାଇଛି। ବ୍ୟବହୃତ ସରଞ୍ଜାମ ଜବତ ହୋଇଛି।

### ଦୋକାନରେ ଅଗ୍ନିକାଣ୍ଡ

ମାଲକାନଗିରି, ୧୪।୫(ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଗ୍ୟାରେଜ ଛକ ନିକଟରେ ଥିବା ଏକ ଦୋକାନରେ ଅଗ୍ନିକାଣ୍ଡ ଘଟି ଶନିବାର ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର ପ୍ରକୋପ ଏତେ ମାତ୍ରାରେ ଥିଲା ଯେ, ଏହାକୁ ଆୟତ୍ତ କରିବା କଷ୍ଟକର ହୋଇପଡ଼ିଥିଲା। ଖବର ପାଇ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ହେତୁ ଦୋକାନରେ ଥିବା ଦୁଇଟି ଗ୍ୟାସ୍ ଟାଙ୍କି ଜଳିଯିବା ସହ ଏକ ସ୍କୁଟିରେ ନିଆଁ ଲାଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

# ପାଣି, ରାସ୍ତାକୁ ନେଇ ହଇଚଇ

କୋରାପୁଟ, ୧୪।୫(ସ୍ୱ.ପ୍ର.)




ବୈଠକରେ ମନ୍ତ୍ରୀ, ବିଧାୟକ, ଜିଲା ପରିଷଦ ସଭ୍ୟାସଭ୍ୟ ଓ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ଜିଲା ପରିଷଦ ବୈଠକ**

- ଜୁନ୍ ଶେଷ ସୁଦ୍ଧା ଅଚଳ ନଳକୂପ ମରାମତି ନିର୍ଦ୍ଦେଶ
- ୩ ବ୍ଲକରେ ଚାଲିଥିବା ମେଗା ପ୍ରକଳ୍ପ ତ୍ୱରାନ୍ୱିତ ନିଷ୍ପତ୍ତି
- ଗ୍ରାମ୍ୟ ରାସ୍ତା ସମ୍ପର୍କରେ ସୂଚନା ଦେଲେ ନିର୍ବାହୀ ଯନ୍ତ୍ରୀ

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ କୋରାପୁଟ ଜିଲା ପରିଷଦର ୫୧ତମ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକାଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ମନ୍ତ୍ରୀ ପଦ୍ମିନୀ ଦିଆନ, ଜିଲାପାଳ ଅବଦାଲ ଏମ୍. ଅଖତାର, କୋରାପୁଟ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପଡ଼ାଲ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢୀ, ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ଜିଲା ପରିଷଦ ସଭ୍ୟାସଭ୍ୟମାନେ ଉପସ୍ଥିତ ରହି ଜିଲାର ବିକାଶ ନେଇ ଆଲୋଚନା କରିଥିଲେ। ବୈଠକରେ ଜିଲାର ବିଭିନ୍ନ ଅଞ୍ଚଳରେ ରହିଥିବା ପାନୀୟଜଳ ସମସ୍ୟା ଓ ରାସ୍ତା ସମସ୍ୟା ନେଇ ଜିଲା ପରିଷଦ ସଭ୍ୟାସଭ୍ୟମାନେ ଅସନ୍ତୋଷ ପ୍ରକାଶ କରି ହଇଚଇ କରିଥିଲେ । ଏ ଦିଗରେ ଅଧିକାରୀମାନେ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ କରିଥିଲେ । ଜିଲାରେ ଥିବା ସମସ୍ତ ଅଚଳ ନଳକୂପର ମରାମତି ଓ ପାଇପ ଯୋଗେ ଜଳ ଯୋଗାଣ ବ୍ୟବସ୍ଥାକୁ ଜୁନ୍ ଶେଷ ସୁଦ୍ଧା ଶେଷ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଜିଲାର କୋଟପାଡ, ବୋରିଗୁମ୍ମା ଓ ଜୟପୁର ବ୍ଲକରେ ଚାଲିଥିବା ମେଗା ପ୍ରକଳ୍ପ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରି ଅକ୍ଟୋବର ଶେଷ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ କୁହାଯାଇଥିଲା । ସେହିପରି ଜିଲାରେ ଏନ୍‌ବିସିସି ଦ୍ୱାରା ନିର୍ମାଣ କରାଯାଇଥିବା ରାସ୍ତା ନିମ୍ନମାନର ବୋଲି ଅଭିଯୋଗକରି ସଦସ୍ୟମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନାରାୟଣପାଟଣା ଓ ବନ୍ଧୁଗାଁରେ ଚାଲିଥିବା ସମସ୍ତ ରାସ୍ତା କାମ ମଧ୍ୟ ଜୁନ୍ ସୁଦ୍ଧା ଶେଷ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା । ବୈଠକରେ ଜିଲାର ବିଭିନ୍ନ ଗ୍ରାମ୍ୟ ରାସ୍ତାର ଅଗ୍ରଗତି ତଥା ବର୍ତ୍ତମାନ ସ୍ଥିତି ସମ୍ପର୍କରେ ବିଭାଗୀୟ ନିର୍ବାହୀଯନ୍ତ୍ରୀ ସୂଚନା ଦେଇଥିଲେ।

## ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସମାବର୍ତ୍ତନ ଉତ୍ସବ



ଗୁଣପୁର, ୧୪।୫ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସମାବର୍ତ୍ତନ ଉତ୍ସବ ସହ ନୂତନ ଶୌଚାଳୟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତଥିଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ଘନାନ୍ତ୍ରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ରବିନ୍ଦ୍ର ନାଥ ପଣ୍ଡିତ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ ଶତପଥୀ ଅତିଥି ପରିଚୟ ପ୍ରଦାନ ଏବଂ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଚାର୍ଯ୍ୟା ସଞ୍ଜୁକ୍ତା ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ବିଧାୟକ ରଘୁନାଥ ଗମାଙ୍ଗ ଅନୁଷ୍ଠାନର ବିଜ୍ଞାନାଗାର ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିବାକୁ ଘୋଷଣା କରିଥିଲେ। ଦଶମ ଶ୍ରେଣୀ ଛାତ୍ରୀଛାତ୍ର ମାନେ ଏଠାରେ ନିଜ ଅନୁଭୂତି ପ୍ରକାଶ କରିଥିଲେ। ପରିଚାଳନା ସମିତିର ସଭାପତି ବି. ଗଜପତି ରାଓ, ସମ୍ପାଦକ ସୋମନାଥ ଗୌଡ଼, ଯୁଗ୍ମ ସମ୍ପାଦକ ମୋହନ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଗୋବିନ୍ଦ ରାଓ, ପୂର୍ବତନ ସଙ୍ଗୁଳ ପ୍ରମୁଖ ମନୋରଞ୍ଜନ ରଥ, ସଙ୍ଗୁଳ ପ୍ରମୁଖ ଜଗନ୍ନାଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷକ ନିଯୁକ୍ତି ପରେ ଖୋଲିଲା ତାଲା

ମାଲକାନଗିରି, ୧୪।୫(ଡି.ଏନ.ଏ.)

**ବିଦ୍ୟାଳୟରେ ଗ୍ରାମବାସୀ ତାଲା ପକାଇବା ଘଟଣା**

ମାଲକାନଗିରି ଜିଲା କୁର୍ସୁବାଡାରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଥିବାରୁ ଶିକ୍ଷକ ନିଯୁକ୍ତି ଦାବିକରି ଶୁକ୍ରବାର ଅଭିଭାବକ ଓ ଗ୍ରାମବାସୀ ତାଲା ପକାଇ ଧାରଣାରେ ବସିଥିଲେ। ଜିଲା ଶିକ୍ଷା ବିଭାଗ ପକ୍ଷରୁ ଶନିବାର ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ମିଳିଛି। ଫଳରେ ଗ୍ରାମବାସୀ ବିଦ୍ୟାଳୟରେ ପକାଇଥିବା ତାଲା ଖୋଲି ଦେଇଛନ୍ତି। ଏହି ବିଦ୍ୟାଳୟରେ ୩୦୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଏଠାରେ ମାତ୍ର ୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଥିଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ପଢୁଥିବା ଛାତ୍ରୀଛାତ୍ରଙ୍କୁ କମ୍ ସଂଖ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ ଥିବାରୁ ଠିକ୍ ରୂପେ ପଢାଇପାରୁ ନ ଥିଲେ। ଦୀର୍ଘଦିନ ଧରି ଅଞ୍ଚଳବାସୀ ଶିକ୍ଷକ ନିଯୁକ୍ତି ଲାଗି ଦାବିକରି ଆସୁଥିଲେ। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନ ନେବାରୁ ଶୁକ୍ରବାର ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ଶିକ୍ଷକ ନିଯୁକ୍ତି ନ ହେବା ଯାଏ ତାଲା ଖୋଲିବେ ନାହିଁ ବୋଲି ଚେତାବନୀ ଦେଇଥିଲେ।

# ଧରିତ୍ରୀ ପ୍ରଭାବ: ପୂର୍ବ ଅବସ୍ଥାକୁ ଫେରିଲା ରାସ୍ତା



କଂକ୍ରିଟ୍ ରାସ୍ତାରୁ ଛଡ଼ାଯାଇଥିବା ପିଚୁ।

ସୁନାବେଡ଼ା/ ସେମିଳିଗୁଡ଼ା ୧୪।୫ (ସ୍ୱ.ପ୍ର.)

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୨୬ ନଂ. ଜାତୀୟ ରାଜପଥଠାରୁ ଗୋପାଳପୁଟ ଗ୍ରାମ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା କଂକ୍ରିଟ୍ ରାସ୍ତା ଉପରେ ପିଚୁ ପକାଇ ଅର୍ଥ ହଡ଼ପ କରିବା ସମ୍ପର୍କିତ ଏକ ଖବର ଗତ ଏପ୍ରିଲ ୯ରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାର ଶୀର୍ଷକ ଥିଲା 'ଭଲ ରାସ୍ତାକୁ ଖରାପ କରିଦେଲେ'। ଏହି ଖବର ପ୍ରକାଶ ପାଇବା ପରେ ବିଳମ୍ବରେ ହେଲେ ମଧ୍ୟ ପ୍ରଶାସନ ତତ୍ପରତା ଦେଖାଇଛି। ପ୍ରଶାସନ ପକ୍ଷରୁ କଂକ୍ରିଟ୍ ରାସ୍ତା ଉପରେ ପକାଯାଇଥିବା ପିଚୁ ଛଡ଼ାଇ ଦିଆଯାଇଛି। ଫଳରେ ଏହି ରାସ୍ତା ପୂର୍ବ ଅବସ୍ଥାକୁ ଫେରି ଆସିଛି।

## ରାଷ୍ଟ୍ରୀୟ ଲୋକ ଅଦାଲତରେ ୯ ମାମଲାର ସମାଧାନ




ଏମ୍‌ଭି ୭୯, ୧୪।୫(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ତାଣ୍ଡବାଇ ପଞ୍ଚାୟତରେ ଥିବା ଜେଏମ୍‌ଏଫ୍‌ସି କୋର୍ଟ ପ୍ରାଙ୍ଗଣରେ ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶନିବାର ଏକ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ଗୌରୀ ଶଙ୍କର ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଅଦାଲତରେ ୯ଟି ମାମଲା ଫଇସଲା ହୋଇଥିଲା। ସେଥିରୁ ୪ଟି ପାରିବାରିକ, ୪ଟି ଫୌଜଦାରି ଓ ଅନ୍ୟ ଏକ ମାମଲା ରହିଛି। ଏଥିରେ ମାଲକାନଗିରି ଜିଲାରୁ ପ୍ରାଧିକରଣ ଉପସଭାପତି ରଞ୍ଜିତ ଶାହା, ସହ ସମ୍ପାଦକ ରାଜେଶ ପଟ୍ଟନାୟକ, ବିପ୍ଳବ ଦତ୍ତ, ଆଇନଜୀବୀ ହିରୋଜ ପାଣିଗ୍ରାହୀଙ୍କ ସହ କୋର୍ଟ କର୍ମଚାରୀମାନେ ସହଯୋଗ କରିଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ କଳସ ଶୋଭାଯାତ୍ରା

ଦାମନଯୋଡ଼ି, ୧୪।୫(ଡି.ଏନ୍.ଏ.)



ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଜଳ ଆଣିବା ପୂର୍ବରୁ ପୂଜାର୍ଚ୍ଚନା କରାଯାଉଛି।

ନାଲ୍‌କୋ ଟାଉନଶିପ ସେକ୍ଟର-୧ ଯଜ୍ଞ ମଣ୍ଡପରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଶୁକ୍ରବାର ଅଙ୍କୁରାରୋପଣ ପରେ ଶନିବାର କଳସ ଶୋଭାଯାତ୍ରା ହୋଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ନରେନ୍ଦ୍ର ପୁଷ୍କରିଣୀରେ ପୂଜାର୍ଚ୍ଚନା ପରେ ପବିତ୍ର ଜଳ ଅଣାଯାଇ ଯଜ୍ଞମଣ୍ଡପରେ ସ୍ଥାପନ କରାଯାଇଥିଲା। ପୂଜକ ପଣ୍ଡିତ ବଳରାମ ଦାଶଙ୍କ ସହିତ ବିବେକାନନ୍ଦ ପଣ୍ଡା, ରାମକିଙ୍କର ଦାଶ ଓ ରବୀନ୍ଦ୍ର ପାଣି ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ସୁଶାନ୍ତ ଦାଶ, ପ୍ରଦୋଷ ଆଚାର୍ଯ୍ୟ, ରାଜେନ୍ଦ୍ର ବେହେରା, ଶୁକଦେବ ପଟ୍ଟାୟତ ଏବଂ ପ୍ରମୋଦ ରାଉତ କର୍ତ୍ତା ରୂପେ ଦାୟିତ୍ୱ ତୁଲାଇଥିଲେ। ଶନିବାର ଘଟ ସ୍ଥାପନ, ଘଟ ମଣ୍ଡଳ ଆଦି ପୂଜା, ସ୍ତମ୍ଭ, ତୋରଣ ପୂଜା, ଅଗ୍ନି ସଂସ୍କାର ଓ ଯଜ୍ଞ ନାରାୟଣଙ୍କ ଷୋଡ଼ଶ ଉପଚାର ପୂଜା ଆଦି ହୋଇଛି। ରବିବାର ଦାମନଯୋଡିର ଆରାଧ୍ୟା ଦେବୀ ମା' କଣ୍ଟାବାଉଁଶୁଣୀଙ୍କ ପାଖରେ ଚଣ୍ଡୀ ପାଠ, ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଅବସ୍ଥିତ ମହାଦେବଙ୍କଠାରେ ରୁଦ୍ରାଭିଷେକ ସହିତ ମଣ୍ଡପରେ ଗୀତାଯଜ୍ଞ ହେବ। ସୋମବାର ବିଭିନ୍ନ ପୂଜାନୀତି ସହିତ ଚଣ୍ଡୀ ଯଜ୍ଞ, ସର୍ବ ଦେବଦେବୀଙ୍କ ଆହୂତି ସହିତ ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। କମିଟି ପକ୍ଷରୁ ସଭାପତି ସରୋଜ ନାଥ, ଉପସଭାପତି ହରିବନ୍ଧୁ ବିଶ୍ୱାଳ, ସମ୍ପାଦକ ଅନାମ ଚରଣ ନାୟକ, ଯୁଗ୍ମ ସମ୍ପାଦକ ଆନନ୍ଦ ମୋହନ ପ୍ରସାଦ, କୋଷାଧ୍ୟକ୍ଷ ଶୁକଦେବ ପଟ୍ଟାୟତ, ଶିଶିର ମିଶ୍ର, ଡ. ଅଶୋକ ମହାନ୍ତିଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

# କଅଁଳ କାନ୍ଧରେ ୩ ଭଉଣୀ, ଭାଇଙ୍କ ଦାୟିତ୍ୱ

ନବରଙ୍ଗପୁର, ୧୪।୫(ବି.ପ୍ର.)

**ସରକାରୀ ସହାୟତା ଅପେକ୍ଷାରେ ୪ ଅନାଥ**



ମମତାଙ୍କ ସହ ତାଙ୍କର ତିନି ଭଉଣୀ ଭାଇ।

ଏକାକରି ଆରପାରିକୁ ଚାଲିଗଲେ ମା', ବାପା। ଏବେ ବଡ଼ ଝିଅର କଅଁଳ କାନ୍ଧରେ ୪ ପ୍ରାଣୀଙ୍କ ଦାୟିତ୍ୱ। ମାତ୍ର ୧୬ ବର୍ଷ ବୟସରେ ପାଠପଢ଼ାରେ ମନଦେବା ବଦଳରେ ମନକୁ ଦୃଢ଼ କରି ତିନି ଭଉଣୀ ଭାଇଙ୍କୁ ମଣିଷ କରିବାର ସାହସ କରିଛନ୍ତି। ସେ ହେଲେ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଝରିଗୁମ୍ମା ପଞ୍ଚାୟତ ବିରିଗୁଡ଼ା ଗ୍ରାମର ତୁଳାରାମ ଭତରାଙ୍କ ଝିଅ ମମତା।

ତୁଳାରାମ ସ୍ତ୍ରୀ ସନାଇ, ଦୁଇ ଝିଅ ଏବଂ ଦୁଇ ପୁଅକୁ ଦୀର୍ଘ ବର୍ଷ ଧରି ଗାଁରେ ରହୁଥିଲେ। ଶ୍ରମିକଭାବେ କାମ କରି ସେ ପରିବାର ଚଳାଉଥିଲେ। ୨୦୨୧ ଜାନୁୟାରୀରେ ତୁଳାରାମଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ସନାଇ ବହୁ କଷ୍ଟରେ ପରିବାର ଚଳାଉଥିଲେ। ହେଲେ ୪ ପିଲାଙ୍କ ଭାଗ୍ୟରେ ଦୁଃଖ ଏତିକିରେ ସୀମିତ ନ ଥିଲା। ଚଳିତ ବର୍ଷ ଜାନୁୟାରୀରେ ମା' ମଧ୍ୟ ଆରପାରିକୁ ଚାଲିଗଲେ। ଏହା ପରଠାରୁ ୪ ପିଲା ଦାଦାଙ୍କ ପାଖରେ ରହୁଛନ୍ତି। ଦାଦାଙ୍କର ମଧ୍ୟ ୪ ସନ୍ତାନ ଥିବାରୁ ୧୦ ପ୍ରାଣୀଙ୍କୁ ଚଳାଇବା ତାଙ୍କ ପାଇଁ କଷ୍ଟକର ହୋଇଥିବା ଖୁଡ଼ି ପ୍ରମିଳା କହିଛନ୍ତି। ମମତା ପାଠପଢ଼ାରେ ଡୋରି ବାନ୍ଧି ଶ୍ରମିକଭାବେ କାମ କରି ଅଳ୍ପ କିଛି ରୋଜଗାର କରୁଛନ୍ତି। ଅନେକ ସମୟରେ ଠିକ୍‌ରେ ଖାଇବାକୁ ମଧ୍ୟ ପାଉନାହାନ୍ତି। ତିନି ଭଉଣୀ ଭାଇଙ୍କୁ କିପରି ସମ୍ଭାଳିବେ ଚିନ୍ତା କରିପାରୁ ନାହାନ୍ତି ବୋଲି ମମତା କୋହଭରା କଣ୍ଠରେ କହିଛନ୍ତି।

ସରକାରଙ୍କୁ ମମତା ଏବଂ ୩ ଭଉଣୀ ଭାଇଙ୍କ ପଢ଼ିବା, ରହିବା ଏବଂ ଖାଦ୍ୟର ବ୍ୟବସ୍ଥା କରିବାକୁ ଖୁଡ଼ି ଏବଂ ପଡ଼ୋଶୀ ଲୋକେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଜିଲା ଶିଶୁ ସୁରକ୍ଷା ସୁରେଶ ପଟ୍ଟନାୟକ ଏବଂ ବିଭାଗର ଅଧିକାରୀମାନେ ବିରିଗୁଡ଼ା ଗ୍ରାମକୁ ଯାଇ ୪ ଭଉଣୀ ଭାଇଙ୍କ ସହ ଅଲୋଚନା କରିଥିଲେ। ନବରଙ୍ଗପୁର ଆଇଟିଡିଏ ପିଏ ଅଭିମନ୍ୟୁ ମାଝି ମଧ୍ୟ ଗାଁକୁ ଯାଇ ପରିସ୍ଥିତି ବିଷୟରେ ଅବଗତ ହୋଇଥିଲେ। ସରକାରଙ୍କ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଅଧିକାରୀମାନେ କହିଛନ୍ତି।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ୧୯୨ ମାମଲା ଫଇସଲା

ଜୟପୁର, ୧୪।୫(ନି.ପ୍ର.)

ଜୟପୁରରେ ଶନିବାର ଲୋକ ଅଦାଲତ-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ତଥା ସ୍ଥାୟୀ ନିରନ୍ତର ଲୋକ ଅଦାଲତ ମାଧ୍ୟମରେ ବିଭିନ୍ନ ଅଦାଲତରେ ପଡ଼ି ରହିଥିବା ଦେୱାନି, ଫୌଜଦାରି, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ଆଦି ୧୯୨ ମାମଲା ସମାଧାନ କରାଯାଇଥିଲା। ଏଥିସହ ପ୍ରାକ୍ ମକଦ୍ଦମାସ୍ତରୀୟ ବ୍ୟାଙ୍କ ଋଣ ବିବାଦ, ଶ୍ରମବିବାଦ, ପାରିବାରିକ ବିବାଦ ମଧ୍ୟ ସମାଧାନ ହୋଇଥିଲା। ପ୍ରାଧିକରଣ ଅଧ୍ୟକ୍ଷ ଜୟପୁର କୋର୍ଟର ଦୌରାଜଜ୍ ସୌମେନ୍ଦ୍ର ରାଜଗୁରୁ, ଅତିରିକ୍ତ ଜିଲାଜଜ୍ ରାଜେଶ ନାୟାର, ସିଜେଏମ୍ ଦିଲୀପ ସାହୁ, ଜିଲା କୋର୍ଟର ରେଜିଷ୍ଟ୍ରାର ଶରତ ଜେନା, ପ୍ରାଧିକରଣ ସଚିବ ଶୁଭଗୌତମ ମିଶ୍ର, ବରିଷ୍ଠ ଦେୱାନି ବିଚାରପତି ଏସ୍‌ଡିଜେଏମ୍ ରେଖାରାଣୀ ପଣ୍ଡା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଚରଣ ଜେନା, ପଲ୍ଲବୀ ପ୍ରିୟଦର୍ଶିନୀ ଦାସ ଉପସ୍ଥିତ ରହି ମାମଲାଗୁଡ଼ିକର ସମାଧାନ କରିଥିଲେ। ଏହାବ୍ୟତୀତ ଜୟପୁର ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଶଶାନନ୍ଦ ମିଶ୍ର, ଦାଶରଥି ପଟ୍ଟନାୟକ, ତ୍ରିନାଥ ସିଂହ ଲାଲ, ଆନନ୍ଦ ରଥ, କେ.ଦିବାକର ରାଓ, ସୁଧୀର ପାଢୀ, ଜେ.ସତ୍ୟ ନାରାୟଣ ଆଚାରୀ, ତାରିଣୀ ପାଣିଗ୍ରାହୀ, ପି.ବ୍ରହ୍ମାନନ୍ଦମ, ସୁନୀଲ ମହାନ୍ତି, ବିନ୍ମୟ ପଟ୍ଟନାୟକ ପ୍ରମୁଖ ମାମଲାଗୁଡିକର ସମାଧାନରେ ସହଯୋଗ କରିଥିଲେ।




ରାଷ୍ଟ୍ରୀୟ ଲୋକ ଅଦାଲତରେ ଉପସ୍ଥିତ ବିଚାରପତିମାନେ।

## ନୃସିଂହ ମହାପ୍ରଭୁଙ୍କ ଚନ୍ଦନଯାତ୍ରା

କୁଡୁମୁଲୁଗୁମ୍ମା, ୧୪।୫(ଡି.ଏନ.ଏ.)

କୁଡୁମୁଲୁଗୁମ୍ମା ନୃସିଂହ ମନ୍ଦିର ପ୍ରାଙ୍ଗଣରେ ନୃସିଂହ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ପାଳିତ ହୋଇଯାଇଛି । ଭୋରରୁ କଳସ ଶୋଭାଯାତ୍ରା ହୋଇଥିଲା। ମହିଳାମାନେ କଳସରେ ଜଳ ଆଣି ଯଜ୍ଞକୁଣ୍ଡରେ ସ୍ଥାପନ କରିଥିଲେ। ମୁଖ୍ୟ ପୂଜକ କୃଷ୍ଣଚନ୍ଦ୍ର ରଥ, ରମେଶ ଚନ୍ଦ୍ର ରଥ ଓ ମନୋଜ ମିଶ୍ର ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। ମୁଖ୍ୟକର୍ତ୍ତା ଭାବେ ସନ୍ତୋଷ ମହାନ୍ତି ଓ ହିମାଂଶୁ ଶେଖର ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଶ୍ରଦ୍ଧାଳୁମାନେ ନୃସିଂହ ମନ୍ଦିର ବେଢ଼ା ପରିକ୍ରମା କରିଥିଲେ । ସନ୍ଧ୍ୟାରେ ଠାକୁରଙ୍କୁ ବିମାନ ଯୋଗେ ନଗର ପରିକ୍ରମା କରାଯାଇଥିଲା। ଗ୍ରାମର ବିଜୟ ପଣ୍ଡା, କାଳନ୍ଦୀ ପାତ୍ର, କାଳୁ ମହାରଣା, ବାଳକୃଷ୍ଣ ପ୍ରଧାନ, ଭଗବାନ ସାହୁଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# ନଳକୂପରୁ ବାହାରୁଛି ଲୌହ ଅଂଶ, ଚୁଆପାଣି ଭରସା



ସାହିବାସିନ୍ଦା ଚୁଆରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି।

ମାଲକାନଗିରି, ୧୪।୫ (ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହାକୁମାରେ ଏବେ ମଧ୍ୟ ଲୋକେ ଚୁଆପାଣି ପିଉଥିବା ଦେଖିବାକୁ ମିଳିଛି। ତାରିଣୀ ମନ୍ଦିର ସାହିରେ ପାନୀୟ ଜଳ ପାଇଁ ଥିବା ନଳକୂପ ପାଣି ବ୍ୟବହାର ଉପଯୋଗୀ ହେଉ ନ ଥିବାରୁ ସାହିବାସିନ୍ଦା ଚୁଆପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଏନେଇ ସେମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କିଛି ସୁଫଳ ମିଳିନାହିଁ। ଦାୟିତ୍ୱରେ ଥିବା ଅଧିକାରୀ ପ୍ରତିଶ୍ରୁତି ଦେଇ ନୀରବ ରହୁଥିବା ଲୋକେ ଅଭିଯୋଗ କରିଛନ୍ତି। ଏହି ସାହିରେ ୩୦ ପରିବାର ରହୁଥିବା ବେଳେ ଗୋଟିଏ ନଳକୂପ ରହିଛି। ନଳକୂପ ପାଣିରେ ଲୌହ ଅଂଶ ରହୁଥିବାରୁ ତାହାକୁ ପିଇବା ଲୋକଙ୍କ ପାଇଁ ସମ୍ଭବ ହେଉନାହିଁ। ଫଳରେ ସାହିବାସିନ୍ଦା ଏକ ଚୁଆ ଖୋଳି ବର୍ଷସାରା ସେଠାରୁ ଜଳ ସଂଗ୍ରହ କରୁଛନ୍ତି। ଏ ସମ୍ପର୍କରେ ପୌରାଧ୍ୟକ୍ଷ ମନୋଜ ବାରିକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଖୁବ୍ ଶୀଘ୍ର ଏହି ସମସ୍ୟାର ସମାଧାନ କରିବେ ବୋଲି କହିଛନ୍ତି।

# ଲୋରେଶ ଗ୍ରାମକୁ ରାସ୍ତା ନାହିଁ

ଦଶମନ୍ତପୁର, ୧୪।୫( ଡି.ଏନ୍.ଏ.)



ଲୋରେଶ ଗ୍ରାମକୁ ଖାଲ ଖମାରେ ଲୋକେ ଚାଲିଚାଲି ଯାଉଛନ୍ତି ।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତର ଲୋରେଶ ଗ୍ରାମକୁ ରାସ୍ତା ନାହିଁ। ଏନେଇ ବହୁବାର ଜିଲା ଏବଂ ବ୍ଲକ ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ କିଛି ପଦକ୍ଷେପ ନିଆଯାଉନାହିଁ। ୩୭ ପରିବାର ବସବାସ କରୁଥିବା ଏହି ଗ୍ରାମପଞ୍ଚାୟତଠାରୁ ୧୧ କି.ମି. ଏବଂ ମରିଚଗୁଡ଼ା ଗ୍ରାମଠାରୁ ୫କି.ମି ଗଲେ ପଡ଼ିଥାଏ। ମରିଚଗୁଡାରୁ ଲୋରେଶ ଗ୍ରାମକୁ ଯିବାକୁ ଗ୍ରାମବାସୀଙ୍କ ପାଇଁ ପାଦଚଲା ରାସ୍ତା ହିଁ ଭରସା। ଗ୍ରାମରେ କେହି ଅସୁସ୍ଥ ହୋଇପଡ଼ିଲେ ୫ କି.ମି. ମରିଚଗୁଡାକୁ ଦୋଳାରେ ବୋହି ନେଲେ ଡାକ୍ତରଖାନାରେ ପହଞ୍ଚିବାକୁ ହୋଇଥାଏ। ରାସ୍ତା ନ ଥିବାରୁ ଗ୍ରାମକୁ ୨ଚକିଆ ଯାନ ମଧ୍ୟ ଆସିପାରେ ନାହିଁ ବୋଲି କହନ୍ତି ଗ୍ରାମର ଧନୁର୍ଜୟ କମାର, ଦୀପକ ସାଉଁନ୍ତା, ଯଶେଫ ସାଉଁନ୍ତା। ଗ୍ରାମକୁ ରାସ୍ତା ନିର୍ମାଣ ନେଇ ଅନେକ ଥର ପଞ୍ଚାୟତଠାରୁ ଆରମ୍ଭକରି ବ୍ଲକ ଏବଂ ଜିଲା ପ୍ରଶାସନକୁ ଗ୍ରାମବାସୀ ଜଣାଇଥିଲେ ମଧ୍ୟ ଏଥିପ୍ରତି କେହି ଗୁରୁତ୍ୱ ଦେଇନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମରିଚଗୁଡ଼ା ଛକଠାରୁ ଆମ ଗ୍ରାମକୁ ପିଏମ୍‌ଜିଏସ୍‌ୱାଇ ଯୋଜନାରେ ସାମିଲକରି ରାସ୍ତା ନିର୍ମାଣ ନ କଲେ ଆଗାମୀ ଦିନରେ ଆମେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ଉମ୍ବରୁଧର ମଲ୍ଲିକଙ୍କୁ ପଚାରିବାରୁ ସେ କହିଲେ, ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ପୂର୍ବରୁ ବିଧାୟକ ପାଣ୍ଠି ୨ଟି ପ୍ରୋଜେକ୍ଟରୁ ଘାଟ କଟିଂ କରାଯାଇଛି। ମୁଁ ନିଜେ କାମ ହେବା ସମୟରେ ଯାଇଥିଲି। ଆଗକୁ ରାସ୍ତା ନିର୍ମାଣ ଲାଗି ପ୍ରପୋଜାଲ ହେବ ବୋଲି ସେ କହିଥିଲେ।

